# REGIONAL NEWS UNIT, AIR CUTTACK

## Mid-day Bulletin (2.32PM)

**14 February – 2026**

*******************************

## <u>ମୁଖ୍ୟ ସମ୍ବାଦ</u>

- କେନ୍ଦୁଝର ଜିଲ୍ଲାରେ ୨୮୭ କୋଟି ଟଙ୍କାର ବିଭିନ୍ନ ପ୍ରକଳ୍ପର ଶିଳାନ୍ୟାସ କଲେ ମୁଖ୍ୟମନ୍ତ୍ରୀ
- ଆଧାର ପରିଚୟପତ୍ର ସମ୍ବନ୍ଧୀୟ ସମସ୍ୟାର ସମାଧାନ ପାଇଁ ଆସନ୍ତା ସୋମବାରଠାରୁ ଭୁବନେଶ୍ୱରରେ ହେବ ଶୁଣାଣି
- ଦେଶ ପ୍ରତି ଯବାନମାନଙ୍କ ବଳିଦାନ ଏବଂ ଅତୁଟ ସମର୍ପଣକୁ ଆଗାମୀ ପିଢ଼ି ମନେ ରଖିବ; କହିଲେ ପ୍ରଧାନମନ୍ତ୍ରୀ

— ପୁଲଓ୍ୱାମା ଆତଙ୍କବାଦୀ ଘଟଣାରେ ସହିଦ ବୀର ଯବାନମାନଙ୍କୁ ଦେଶବାସୀ ଦେଉଛନ୍ତି ଶ୍ରଦ୍ଧାଞ୍ଜଳି

ଏବଂ

- ସ୍ୱଦେଶୀ ଓ ଆତ୍ମନିର୍ଭର ଭାରତର ବାର୍ତ୍ତା ନେଇ ଆଜିଠାରୁ ଭୁବନେଶ୍ୱର ଜନତା ମୈଦାନରେ ଆରମ୍ଭ ହେଉଛି ତୋଷାଳି ମେଳା

## ମୁଖ୍ୟମନ୍ତ୍ରୀ

ରାଜ୍ୟକୁ ବିବିଧ ଶିଳ୍ପ କ୍ଷେତ୍ରରେ ସମୃଦ୍ଧ କରିବା ପାଇଁ ସରକାର ସଂକଳ୍ପବଦ୍ଧ ବୋଲି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ  କହିଛନ୍ତି। କେନ୍ଦୁଝର ଜିଲ୍ଲାର ବଳଭଦ୍ରପୁରଠାରେ ଆଜି ୧୦୦ କୋଟି ଟଙ୍କାର ଟେକ୍ସଟାଇଲ୍ ପାର୍କ ଏବଂ ୧୮୭ କୋଟି ଟଙ୍କାର ବିପର୍ଯ୍ୟୟ ପୁନରୁଦ୍ଧାର ଏବଂ ଡାଟାସେଣ୍ଟରର ଶିଳାନ୍ୟାସ କରି ଶ୍ରୀ ମାଝୀ କହିଛନ୍ତି, କେନ୍ଦୁଝର ଜିଲ୍ଲାରେ ଶିଳ୍ପ ବିବିଧତା ଏବଂ ଡିଜିଟାଲ ଭିତ୍ତିଭୂମିର ବିକାଶରେ ଏକ ଗୁରୁତ୍ୱପୂର୍ଣ୍ଣ ଅଧ୍ୟାୟ ଆଜିଠାରୁ ଆରମ୍ଭ ହୋଇଛି। ଜିଲ୍ଲା ଖଣି ଏବଂ ଇସ୍ପାତ ସହ ଶିଳ୍ପ ଅଭିବୃଦ୍ଧିର ଏହା କେନ୍ଦ୍ରସ୍ଥଳି ପାଲଟିବ। ଆଧୁନିକ ଭିତ୍ତିଭୂମି ଲଜିଷ୍ଟିକ୍ ସହାୟତା ସହ ହିଣ୍ଡାଲକୋ ୭ ଏକର ଜମିରେ ଏକ ପୋଷାକ ଉତ୍ପାଦନ ୟୁନିଟ୍ ସ୍ଥାପନ କରିବ। ଏଥିରୁ ବାର୍ଷିକ ୨୪ ଲକ୍ଷ ପୋଷାକ ଉତ୍ପାଦନ ହେବ। ବୟନଶିଳ୍ପର ପରିବର୍ତ୍ତନଶୀଳ ସମ୍ଭାବନା ଉପରେ ଏହି ଅବସରରେ ମୁଖ୍ୟମନ୍ତ୍ରୀ ଆଲୋକପାତ କରିଥିଲେ।

## ଆଧାର ଶୁଣାଣି

ଆଧାର ପରିଚୟପତ୍ର ସମ୍ବନ୍ଧୀୟ ବିଭିନ୍ନ ସମସ୍ୟାର ସମାଧାନ ପାଇଁ ଇଲେକ୍ଟ୍ରୋନିକ୍ସ ଓ ସୂଚନା ପ୍ରଯୁକ୍ତିବିଦ୍ୟା ବିଭାଗ ପକ୍ଷରୁ ଅଭିଯୋଗ ଶୁଣାଣି ଆସନ୍ତା ସୋମବାରଠାରୁ ଆରମ୍ଭ ହେବ। ଏଥିନିମନ୍ତେ ଓକାକ୍ ପୋର୍ଟାଲ **ocac.in** ରେ ପଞ୍ଜୀକରଣ ପାଇଁ ପରାମର୍ଶ ଦିଆଯାଇଛି। ଇଚ୍ଛୁକ ବ୍ୟକ୍ତି ସେମାନଙ୍କ ଆଧାର ସମ୍ବନ୍ଧିତ ଅଭିଯୋଗଗୁଡ଼ିକୁ ପୋର୍ଟାଲରେ ପଞ୍ଜୀକୃତ କରିବେ। ପଞ୍ଜୀକରଣ ପ୍ରାପ୍ତ ସ୍ୱୀକାରପତ୍ର ସହ ଓକାକ୍ କାର୍ଯ୍ୟାଳୟର ଅଭିଯୋଗ ପ୍ରକୋଷ୍ଠରେ ପ୍ରତ୍ୟେକ ସରକାରୀ କାର୍ଯ୍ୟଦିବସର ସୋମବାର

ସକାଳ ସାଢ଼େ ୧୦ଟାରୁ ସମ୍ପୃକ୍ତ ଅଧିକାରୀଙ୍କୁ ସେମାନଙ୍କ ଅଭିଯୋଗ ଜଣାଇପାରିବେ ବୋଲି ସରକାରଙ୍କ ପକ୍ଷରୁ କୁହାଯାଇଛି।

## କ୍ୟାବିନେଟ୍

ରାଜ୍ୟ କ୍ୟାବିନେଟ୍‌ର ଗୁରୁତ୍ୱପୂର୍ଣ୍ଣ ବୈଠକ ଆଜି ସନ୍ଧ୍ୟାରେ ଭୁବନେଶ୍ୱର ଲୋକସେବା ଭବନରେ ଅନୁଷ୍ଠିତ ହେବ। ମୁଖ୍ୟମନ୍ତ୍ରୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହେବାକୁ ଥିବା ଏହି ବୈଠକରେ ଅନେକ ଗୁରୁତ୍ୱପୂର୍ଣ୍ଣ ପ୍ରସ୍ତାବକୁ ଅନୁମୋଦନ ମିଳିବାର ସମ୍ଭାବନା ରହିଛି। ଏହା ପୂର୍ବରୁ ମନ୍ତ୍ରୀ ପରିଷଦ ବୈଠକ ଅନୁଷ୍ଠିତ ହେବ। ଏହି ବୈଠକରେ ୨୦୨୬-୨୭ ବର୍ଷର ବଜେଟ୍ ଚିଠା ପ୍ରସ୍ତାବକୁ ମଞ୍ଜୁରୀ ମିଳିବା ନେଇ ଆମ ସମ୍ବାଦଦାତା ଜଣାଇଛନ୍ତି।

## ପ୍ଲାଷ୍ଟିକ୍ ନିଷେଧ

ମନ୍ଦିର ପରିସରକୁ ପଲିଥିନ୍ କିମ୍ବା ପ୍ଲାଷ୍ଟିକ୍‌ରେ ଭୋଗ ନେଇ ପାରିବେ ନାହିଁ ବୋଲି ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ ପକ୍ଷରୁ ନିର୍ଦ୍ଦେଶ ଦିଆଯାଇଛି। ପୂଜା ସାମଗ୍ରୀ, ପ୍ରସାଦ ସେବନ ତଥା ଖାଦ୍ୟ ସାମଗ୍ରୀ ନେବା ପାଇଁ ଏକକ ବ୍ୟବହୃତ ପ୍ଲାଷ୍ଟିକ୍ ବ୍ୟବହାରକୁ ବାରଣ କରାଯାଇଛି। ମନ୍ଦିରକୁ ପୂଜା ପ୍ରସାଦ ନେବା ପାଇଁ ବାଉଁଶ ଟୋକେଇ, ପତ୍ର ତିଆରି ଠୋଲା, ପୁନଃ ବ୍ୟବହାରଯୋଗ୍ୟ ପ୍ଲାଷ୍ଟିକ୍ ଟୋକେଇ ବ୍ୟବହାର କରିପାରିବେ। ବ୍ୟବସାୟୀମାନେ ମନ୍ଦିର ପରିସର ଓ ଆଖପାଖ ଅଂଚଳରେ ପଲିଥିନ୍ ଓ ପ୍ଲାଷ୍ଟିକରେ ସାମଗ୍ରୀ ବିକ୍ରୟ କରିପାରିବେ ନାହିଁ। ଏଥିସହ ମନ୍ଦିର ପରିସରରେ ଥିବା ପୋଖରି କିମ୍ବା ଜଳାଶୟରେ ନୈବେଦ୍ୟ ବିସର୍ଜନ ନିମନ୍ତେ

ଆବଦ୍ଧ ଅଞ୍ଚଳ ଚିହ୍ନଟ କରାଯିବ। ଏହାଦ୍ୱାରା ବିସର୍ଜନ ସାମଗ୍ରୀଗୁଡ଼ିକୁ ପରବର୍ତ୍ତୀ ସମୟରେ ସହଜରେ ନିଷ୍କାସନ କରାଯାଇପାରିବ।

# ପିଏମ୍-ପୁଲୱାମା ଆଟାକ୍

ଜମ୍ମୁ କାଶ୍ମୀରର ପୁଲୱାମା ଜିଲ୍ଲାରେ ଆତଙ୍କବାଦୀ ଆକ୍ରମଣକୁ ଆଜି ୭ ବର୍ଷ ପୂରଣ ହୋଇଛି । ଘଟଣାରେ ୪୦ ଜଣ ସିଆର୍‌ପିଏଫ୍ ଯବାନ ଶହୀଦ ହୋଇଥିଲେ । ପୁଲୱାମା ଆକ୍ରମଣରେ ସହିଦ୍ ବୀର ଯବାନଙ୍କ ପ୍ରତି ଆଜି ଦେଶବାସୀ ଶ୍ରଦ୍ଧାଞ୍ଜଳି ଜଣାଉଛନ୍ତି।

ଶୁଣନ୍ତୁ ଏ ସମ୍ପର୍କରେ ଏକ ସ୍ୱତନ୍ତ୍ର ଉପସ୍ଥାପନା.....

୨୦୧୯ ମସିହା ଫେବୃୟାରୀ ୧୪ ତାରିଖ ଅର୍ଥାତ୍ ଆଜିର ଦିନ ଭାରତର ଇତିହାସରେ ଏକ କଳା ଦିନ ଭାବେ ଲିପିବଦ୍ଧ ହୋଇ ରହିଯାଇଛି। ପୁଲୱାମାଠାରେ ୧୮୦ ବାଟାଲିୟନର ୮୦୦ ଯବାନ୍ ଶ୍ରୀନଗର କ୍ୟାମ୍ପକୁ ସ୍ଥାନାନ୍ତରିତ ହେଉଥିଲେ। ଏହି ସମୟରେ ହଠାତ୍ ବିସ୍ଫୋରଣ ହେବା ସହ ସମଗ୍ର ଅଂଚଳ ଥରି ଉଠିଥିଲା। ଏଥିରେ ୪୪ ଜଣ ବୀର ଯବାନ ସହିଦ୍ ହୋଇଥିଲେ। ଦେଶମାତୃକା ବୀରଯବାନ୍‌ଙ୍କୁ ହରାଇ ଥିଲା ସତ; କିନ୍ତୁ ଦେଶର ଆତ୍ମବଳ ଆହୁରି ସଶକ୍ତ ହୋଇଥିଲା। ଏହି ଆକ୍ରମଣ ଆମକୁ ସ୍ମରଣ କରାଏ ସୀମାରେ କାର୍ଯ୍ୟରତ ଯବାନଙ୍କ ତ୍ୟାଗ ଓ ଦାୟିତ୍ୱବୋଧତାର ଗଭୀର ନିଦର୍ଶନ।

ପୁଲୱାମା ଆକ୍ରମଣରେ ଶହୀଦ ହୋଇଥିବା ଯବାନମାନଙ୍କୁ **ପ୍ରଧାନମନ୍ତ୍ରୀ** ନରେନ୍ଦ୍ର ମୋଦୀ ଶ୍ରଦ୍ଧାଞ୍ଜଳି ଅର୍ପଣ କରି କହିଛନ୍ତି, ଯବାନଙ୍କ ସମର୍ପଣ, ସଂକଳ୍ପ ଓ ଦେଶ ପ୍ରତି ସେବା ସାମହିକ ଚେତନାରେ ଚିରକାଳ ପାଇଁ ଲିପିବଦ୍ଧ ହୋଇ ରହିଛି। ଯବାନଙ୍କ ବଳିଦାନ ଏବଂ ଦେଶ ପ୍ରତି ଅତୁଟ ସମର୍ପଣକୁ ଆଗାମୀ ପିଢ଼ି କେବେ ବି ଭୁଲିପାରିବେ ନାହିଁ ।

**ମୁଖ୍ୟମନ୍ତ୍ରୀ** ମୋହନ ଚରଣ ମାଝୀ ପୁଲୱାମା ସହିଦଙ୍କୁ ଶ୍ରଦ୍ଧଞ୍ଜଳି ଜ୍ଞାପନ କରିବା ସହିତ ସହିଦ ମାନଙ୍କ ଦେଶପ୍ରତି ସମର୍ପଣ ସର୍ବଦା ସ୍ମରଣୀୟ ହୋଇ ରହିବ ବୋଲି କହିଛନ୍ତି ।

**କେନ୍ଦ୍ରମନ୍ତ୍ରୀ** ଧର୍ମେନ୍ଦ୍ର ପ୍ରଧାନ ପୁଲୱାମା ସହିଦ ମାନଙ୍କୁ ଶ୍ରଦ୍ଧାଞ୍ଜଳି ଅର୍ପଣ କରି କହିଛନ୍ତି, ଯବାନଙ୍କ ଅଦମ୍ୟ ସାହସ ଏବଂ ରାଷ୍ଟ୍ର ପ୍ରତି ସମର୍ପଣ ପ୍ରତ୍ୟେକ ଭାରତୀୟଙ୍କ ହୃଦୟରେ ଜାଗୃତ ରହିଛି।

ଆଜିର ଦିନରେ ଆସନ୍ତୁ ଆମେ ସମସ୍ତେ ଏକତାବଦ୍ଧ ହୋଇ ଆତଙ୍କବାଦ ବିରୋଧରେ ସ୍ୱର ଉତ୍ତୋଳନ କରିବା। ଦେଶର ଅଖଣ୍ଡତା ଓ ସୁରକ୍ଷା ପାଇଁ ସଦାସର୍ବଦା ସଚେତନ ରହିବା।

*ଆକାଶବାଣୀ ସମ୍ବାଦ ବିଭାଗ ପାଇଁ ମୁଁ ସ୍ମୃତିରେଖା ତାରେଣିଆ*

# ତୋଷାଳି ମେଳା

ଭୁବନେଶ୍ୱର ଜନତା ମୈଦାନଠାରେ ଆଜିଠାରୁ ୨୦ତମ ତୋଷାଳି ସ୍ୱଦେଶୀ ମେଳା ଆରମ୍ଭ ହେଉଛି। ସନ୍ଧ୍ୟାରେ ଉପମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂହଦେଓ

ଯୋଗଦେଇ ମେଳାକୁ ଉଦ୍‌ଘାଟନ କରିବେ। କାର୍ଯ୍ୟକ୍ରମରେ ହସ୍ତତନ୍ତ, ବୟନ ଓ ହସ୍ତଶିଳ୍ପମନ୍ତ୍ରୀ ପ୍ରଦୀପ ବଳସାମନ୍ତ ଯୋଗଦେବାର କାର୍ଯ୍ୟସୂଚୀ ରହିଛି। ଚଳିତବର୍ଷ ମେଳାର ବିଷୟବସ୍ତୁ ରହିଛି, 'ସ୍ୱଦେଶୀ ଓ ଆତ୍ମନିର୍ଭର ଭାରତ'। ଓଡ଼ିଶା ସମେତ ଦେଶର ୨୦ଟି ରାଜ୍ୟର କାରିଗର, ବୁଣାକାରମାନେ ମେଳାରେ ଅଂଶଗ୍ରହଣ କରି ସେମାନଙ୍କ ଉତ୍ପାଦ ପ୍ରଦର୍ଶନ କରିବେ। ମେଳାରେ କେନ୍ଦ୍ର ସରକାରଙ୍କ ହସ୍ତଶିଳ୍ପ ବିକାଶ ଆୟୁକ୍ତଙ୍କ ପ୍ରାୟୋଜିତରେ ବିଭିନ୍ନ ରାଜ୍ୟରୁ ୧୫୦ଟି ଷ୍ଟଲ୍‌ରେ ହସ୍ତଶିଳ୍ପ କାରିଗର ସେମାନଙ୍କ କଳା ପ୍ରଦର୍ଶନ କରିବେ। ସେହିଭଳି ରାଜ୍ୟ ସରକାରଙ୍କ ହସ୍ତଶିଳ୍ପ ନିର୍ଦ୍ଦେଶାଳୟ ଓ ହସ୍ତତନ୍ତ ଏବଂ ବୟନଶିଳ୍ପ ବିଭାଗ ପକ୍ଷରୁ ୨୮୧ ଜଣ କାରିଗର ଓ ୧୫୦ ଜଣ ବୁଣାକାର ଷ୍ଟଲ୍‌ରେ ଉତ୍ପାଦଗୁଡ଼ିକୁ ପ୍ରଦର୍ଶନ କରିବେ। ୬୦ଟି ଷ୍ଟଲ୍‌ରେ ସ୍ୱଦେଶୀ ଖାଦ୍ୟର ବ୍ୟବସ୍ଥା କରାଯାଇଛି। ମେଳା ଆସନ୍ତା ୨୬ ତାରିଖ ପର୍ଯ୍ୟନ୍ତ ଚାଲିବ।

## ଶ୍ରୀଜଗନ୍ନାଥ ଦର୍ଶନ

ଶ୍ରୀଜଗନ୍ନାଥ ଦର୍ଶନ ଯୋଜନାରେ ୫ଟି ଜିଲ୍ଲାରୁ ଆସିଥିବା ୫୦୦ ଶ୍ରଦ୍ଧାଳୁ ମହାପ୍ରଭୁଙ୍କୁ ଦର୍ଶନ କରିଛନ୍ତି। ନବରଙ୍ଗପୁର, ଗଞ୍ଜାମ, ଭଦ୍ରକ, ମୟୂରଭଞ୍ଜ ଓ ସମ୍ବଲପୁର ଜିଲ୍ଲାର ୫୦୦ ତୀର୍ଥଯାତ୍ରୀ ପୁରୀରେ ପହଞ୍ଚିବା ପରେ ଜିଲ୍ଲା ପ୍ରଶାସନ ପକ୍ଷରୁ ବ୍ୟବସ୍ଥା କରାଯାଇଥିବା ବୃନ୍ଦାବତୀ ନିବାସରେ ତାଙ୍କୁ ସ୍ୱାଗତ କରାଯାଇଥିଲା। ଆଜି ପ୍ରତ୍ୟୁଷରୁ ଗଞ୍ଜାମ ଓ ଭଦ୍ରକ ଜିଲ୍ଲାରୁ ଆସିଥିବା ଶ୍ରଦ୍ଧାଳୁମାନଙ୍କୁ ପ୍ରଥମେ ଶ୍ରୀମନ୍ଦିର ଦର୍ଶନ ପାଇଁ ବ୍ୟବସ୍ଥା କରାଯାଇଥିଲା। ପରେ ଅନ୍ୟ ୩ଟି ଜିଲ୍ଲା ନବରଙ୍ଗପୁର, ସମ୍ବଲପୁର ଓ ମୟୂରଭଞ୍ଜ ଜିଲ୍ଲାର ଶ୍ରଦ୍ଧାଳୁମାନଙ୍କୁ ମନ୍ଦିର ଦର୍ଶନ କରିଥିଲେ।

## ଜଗନ୍ନାଥ ଦର୍ଶନ-୨

ମୁଖ୍ୟମନ୍ତ୍ରୀ ଗତକାଲି ନବରଙ୍ଗପୁର ଜିଲ୍ଲାରୁ ଏହି ଯୋଜନାର ଶୁଭାରମ୍ଭ କରିଥିଲେ। ଜଗନ୍ନାଥ ଦର୍ଶନ ଯୋଜନାରେ ଆଗାମୀ ୪ ବର୍ଷ ମଧ୍ୟରେ ୧ ଲକ୍ଷ ୨୦ ହଜାରରୁ ଉର୍ଦ୍ଧ୍ୱ ବରିଷ୍ଠ ନାଗରିକଙ୍କୁ ମହାପ୍ରଭୁଙ୍କ ଦିବ୍ୟ ଅନୁଭୂତି ପ୍ରଦାନ ପାଇଁ ସରକାର ଲକ୍ଷ୍ୟ ରଖିଛନ୍ତି ବୋଲି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ କହିଛନ୍ତି।

## ଶିବରାତ୍ରୀ

ମହାପ୍ରଭୁ ଶ୍ରୀଲିଙ୍ଗରାଜଙ୍କ ମହାଶିବରାତ୍ରୀ ନୀତି ନିର୍ଘଣ୍ଟରେ ସାମାନ୍ୟ ପରିବର୍ତ୍ତନ କରାଯାଇଛି। ମହାଦୀପ ରାତି ୧୦ଟାରେ ଉଠିବା ପରେ ୪ ପ୍ରହର ପୂଜା, ହରିହର ଭେଟ, ବଡ଼ସିଂହାର ଓ ପହୁଡ ସୋମବାର ଭୋର ସାଢ଼େ ୫ଟାରେ ସମ୍ପନ୍ନ ହେବ। ଏ ନେଇ ମନ୍ଦିର ପ୍ରଶାସନ ପକ୍ଷରୁ ସ୍ୱତନ୍ତ୍ର ବିଜ୍ଞପ୍ତି ପ୍ରକାଶ କରାଯାଇଛି। ମହାଶିବରାତ୍ରୀରେ ଲକ୍ଷାଧିକ ଶ୍ରଦ୍ଧାଳୁଙ୍କ ସମାଗମକୁ ଦୃଷ୍ଟିରେ ରଖି କମିଶନରେଟ୍ ପୁଲିସ୍ ପକ୍ଷରୁ ଟ୍ରାଫିକ୍ କଟକଣା ଜାରି କରାଯାଇଛି। ଆଜି ମଧ୍ୟରାତ୍ରୀରୁ ଏହି କଟକଣା ଲାଗୁ କରାଯିବ ଏବଂ ଉତ୍ସବ ଶେଷ ହେବା ପର୍ଯ୍ୟନ୍ତ ବଳବତ୍ତର ରହିବ।

**ଭଦ୍ରକ** ଜିଲ୍ଲା ଆରଡୀସ୍ଥିତ ଆଖଣ୍ଡଳମଣିଙ୍କ ପୀଠରେ ସୁଗମ ଯାତାୟତ ଓ ଜନସାଧାରଣଙ୍କ ସୁରକ୍ଷା ପାଇଁ ଟ୍ରାଫିକ୍ ବ୍ୟବସ୍ଥାକୁ କଡାକଡି କରାଯାଇଛି। ଶ୍ରଦ୍ଧାଳୁମାନେ ଜାରି କରାଯାଇଥିବା ନିର୍ଦ୍ଦେଶାବଳୀକୁ ପାଳନ କରିବା ପାଇଁ ପ୍ରଶାସନ ପକ୍ଷରୁ ଅନୁରୋଧ କରାଯାଇଛି।

## ସ୍ୱାସ୍ଥ୍ୟ ସଚେତନତା

**ଗଞ୍ଜାମ** ଜିଲ୍ଲାର ବେଗୁନିଆପଡ଼ା ବ୍ଲକ୍ କାର୍ଯ୍ୟାଳୟ ପରିସରରେ ବେଟୀ ବଚାଓ ଓ ବେଟୀ ପଢ଼ାଓ ଏବଂ ସାଇବର ସୁରକ୍ଷା ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ସ୍ୱାସ୍ଥ୍ୟ ଅଧିକାରୀ, ବେଗୁନିଆପଡା ଥାନା ଅଧିକାରୀ ପ୍ରମୁଖ ଯୋଗଦେଇ କାର୍ଯ୍ୟକ୍ରମର ଆଭିମୁଖ୍ୟ ସମ୍ପର୍କରେ ଆଲୋକପାତ କରିଥିଲେ।

## ଯକ୍ଷ୍ମା ନିରାକରଣ

**ଗଞ୍ଜାମ** ଜିଲ୍ଲାର ସେରଗଡ଼ ଉଦୟପ୍ରତାପ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ରକ୍ତହୀନତା ଓ ଯକ୍ଷ୍ମା ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋହଇଯାଇଛି। ସେରଗଡ଼ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ବୈଷୟିକ ପରାମର୍ଶଦାତା ରକ୍ତହୀନତା ଓ ଯକ୍ଷ୍ମାର ଲକ୍ଷଣ, କାରଣ ଓ ନିରାକରଣ ସମ୍ପର୍କରେ ବୁଝାଇଥିଲେ।

## ଭିନ୍ନକ୍ଷମ ଶିବିର

**ଭଦ୍ରକ** ଜିଲ୍ଲା ଚାନ୍ଦବାଲି ବ୍ଲକ୍ ମଉସୁଧା ଗ୍ରାମ ପଞ୍ଚାୟତ କାର୍ଯ୍ୟାଳୟରେ ଭିନ୍ନକ୍ଷମ ସଚେତନତା ଶିବିର ଅନୁଷ୍ଠିତ ହୋଇଯାଇଛି। ବିଭାଗୀୟ ଅଧିକାରୀମାନେ ଯୋଗଦେଇ ଭିନ୍ନକ୍ଷମମାନଙ୍କୁ ଉପକରଣ ବଣ୍ଟନ କରିବା ସହ ସରକାରଙ୍କ ବିଭିନ୍ନ ଯୋଜନା ସମ୍ପର୍କରେ ସୂଚନା ଦେଇଥିଲେ।

## ଆଲୋଚନାଚକ୍ର

**ନୂଆପଡା** ଜିଲ୍ଲା ଖଡିଆଳ ଡିଗ୍ରୀ ମହିଳା ମହାବିଦ୍ୟାଳୟ ଇତିହାସ ବିଭାଗ ପକ୍ଷରୁ ଆଦିବାସୀ ପରମ୍ପରା ଓ ଶକ୍ତି ଉପାସନା ଶୀର୍ଷକ ଆଲୋଚନାଚକ୍ର

ଅନୁଷ୍ଠିତ ହୋଇଯାଇଛି। ଅତିଥିମାନେ ଯୋଗଦେଇ ଜିଲ୍ଲାର ଆଦିବାସୀ ସଂସ୍କୃତି ଓ ପରମ୍ପରା ସମ୍ପର୍କରେ ଆଲୋକପାତ କରିଥିଲେ।

## କର୍ମଶାଳା

**ଭଦ୍ରକ** ଜିଲ୍ଲା ଉଦ୍ୟାନ କୃଷି ବିଭାଗ ପକ୍ଷରୁ ଧାମନଗର ବ୍ଲକ୍ ପ୍ରଧାନୀ ପଞ୍ଚାୟତ କାର୍ଯ୍ୟାଳୟରେ ଦକ୍ଷତା ବିକାଶ କୃଷି କର୍ମଶାଳା ଓ ପ୍ରଶିକ୍ଷଣ ଶିବିର ଅନୁଷ୍ଠିତ ହୋଇଯାଇଛି। କୃଷି ଅଧିକାରୀ, ସରପଞ୍ଚ, ଜିଲ୍ଲା ପରିଷଦ ଉପାଧ୍ୟକ୍ଷ ପ୍ରମୁଖ ଯୋଗଦେଇ ଖରିଫ୍ ଓ ପନୀପରିବା ଚାଷ ପ୍ରଣାଳୀ, ଉତ୍ପାଦନ ବୃଦ୍ଧି ସହ ସରକାରୀ ଯୋଜନା ସମ୍ପର୍କରେ ଆଲୋଚନା କରିଥିଲେ।